


# ବୃକ୍ଷଲତା ଓ ଜୀବଜନ୍ତୁ

## ଜଙ୍ଗଲ

ଏକାଦଶତମ ରାଜ୍ୟ ଜଙ୍ଗଲ ରିପୋର୍ଟ ୨୦୧୧ ଅନୁସାରେ, ଓଡ଼ିଶାରେ ୫୮,୧୩୬ ବର୍ଗ କି.ମି ଅଞ୍ଚଳ ଜଙ୍ଗଲ ଆଚ୍ଛାଦିତ । ଏହା ମଧ୍ୟରୁ ୨୬,୩୨୯ ବର୍ଗ କି.ମି. (୪୫.୨%) ସଂରକ୍ଷିତ ଜଙ୍ଗଲ, ୧୫,୫୨୫ ବର୍ଗ କି.ମି. (୨୬.୭୦%) ସୁରକ୍ଷିତ ଜଙ୍ଗଲ ଏବଂ ୧୬,୨୮୨ ବର୍ଗ କି.ମି. (୨୮.୧%) ଅନାବନା ଜଙ୍ଗଲ । ଓଡ଼ିଶାର ମୋଟ ଭୌଗୋଳିକ ଅଞ୍ଚଳରେ ୩୭.୩୪% ବନାଞ୍ଚଳ ।

୨୦୦୯ ମସିହାରେ ୪୮.୯୦୩ ବର୍ଗ କି.ମି. ଅଞ୍ଚଳ ଜଙ୍ଗଲ ଆଚ୍ଛାଦିତ ଥିଲା, ଯାହାକି ରାଜ୍ୟ ଭୌଗୋଳିକ ଅଞ୍ଚଳର ୩୧.୪୧% । ସେହିପରି ୨୦୦୭ ମସିହାରେ ୪୮,୮୫୫ ବର୍ଗ କି.ମି. ଅଞ୍ଚଳରେ ଜଙ୍ଗଲ ଥିଲା । ୨୦୦୭ରୁ ୨୦୦୯ ମଧ୍ୟରେ ୪୮ ବର୍ଗ କି.ମି.ର ନୂତନ ଜଙ୍ଗଲ ସୃଷ୍ଟି କରାଯାଇପାରିଛି । ବନ ସଂରକ୍ଷଣ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ବନବିଭାଗ ଜଙ୍ଗଲ ସଂରକ୍ଷଣ ଓ ନୂତନ ବନାଞ୍ଚଳ ସୃଷ୍ଟି ଦିଗରେ ସର୍ବଦା ତତ୍ପର । ଅବସ୍ଥିତି, ବୃଷ୍ଟିପାତ ଓ ବନସ୍ପତି ଆଧାରରେ ଓଡ଼ିଶାର ଜଙ୍ଗଲକୁ ନିମ୍ନମତେ ଭାଗ କରାଯାଇପାରେ :

### (କ) ଉତ୍ତର କ୍ରାନ୍ତୀୟ ଅର୍ଦ୍ଧ-ଚିରହରିତ୍ ଜଙ୍ଗଲ

ଏହି ପ୍ରକାର ଜଙ୍ଗଲ ନିମ୍ନ ପର୍ବତାଞ୍ଚଳ ଓ ୬୦୦ମିଟର ଉଚ୍ଚ ଉପତ୍ୟକାରେ ଦେଖାଯାଏ । ଓଡ଼ିଶାର ମୟୂରଭଞ୍ଜ, ଢେଙ୍କାନାଳ, ଆଠଗଡ, ପୁରୀ, ନୟାଗଡ, ପାରଳାଖେମୁଣ୍ଡି, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ଏହି ପ୍ରକାର ଜଙ୍ଗଲ ଦେଖାଯାଏ । ଏହି ଜଙ୍ଗଲରେ ଉଚ୍ଚ ଗଛଗୁଡିକ ଅଳ୍ପ ସମୟ ପାଇଁ ପତ୍ରଝଡା ଦିଅନ୍ତି କିନ୍ତୁ ଅଳ୍ପ ଉଚ୍ଚ ଗଛଗୁଡିକ ଚିରହରିତ୍ ଅଟନ୍ତି । ଏଠି ଅର୍ଜୁନ, ଆମ୍ବ, କେନ୍ଦୁ, ଚମ୍ପକ, ରାଇ, ମଣ୍ଡା ଓ ନାଗେଶ୍ୱର ଇତ୍ୟାଦି ଗଛ ଦେଖାଯାଏ ।

### (ଖ) ମୌସୁମୀ ଜଙ୍ଗଲ

ଏହି ଜଙ୍ଗଲ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ନିମ୍ନାଞ୍ଚଳ ଏବଂ ମଧ୍ୟପ୍ରଦେଶ ଓ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ଲାଗିଥିବା ଜିଲ୍ଲାମାନଙ୍କରେ ଦେଖାଯାଏ । ମୁଖ୍ୟତଃ ଶାଳ, ଅସନ, ପିଆଶାଳ, କୁରୁମ, କଙ୍ଗ୍ରା, ଧଉରା ଓ ଡବା ବାଉଁଶ ଗଛ ଏହି ଜଙ୍ଗଲରେ ବଢନ୍ତି ।

### (ଗ) କ୍ରାନ୍ତୀୟ ଶୁଷ୍କ ପର୍ଣ୍ଣମୋଚୀ ଜଙ୍ଗଲ

ଏହି ଜଙ୍ଗଲ ବଲାଙ୍ଗିର, କଳାହାଣ୍ଡି, ସମ୍ବଲପୁର, ଖରିଆର, ଦେବଗଡ ଏବଂ ଗୋବିନ୍ଦପୁର ଅଞ୍ଚଳରେ ଦେଖାଯାଏ । ଶାଗୁଆନ ଓ ସାଲିଆ ବାଉଁଶ ଏହି ଅଞ୍ଚଳମାନଙ୍କରେ ମୁଖ୍ୟତଃ ବଢିଥାନ୍ତି ।

### (ଘ) ହେନ୍ତାଳବଣ

ଏହି ବିଚ୍ଛୁରିତ ଜଙ୍ଗଲ ସମୁଦ୍ରକୂଳ ଯଥା - ଭିତରକନିକା ଓ ମହାନଦୀ ମୁହାଣଠାରେ ହିଁ ସୀମିତ । ଏ ମାଟିରେ କରିକା, ସୁନ୍ଦର ରାଇ, ଗୁଆ ଆଦି ଗଛ ବଢିଥାନ୍ତି ।

ଜଙ୍ଗଲରୁ ଲାଖ, ଝୁଣା, ସବାଇ ଘାସ, ଟସର, ମହୁ ଆଦି ମିଳିଥାଏ । ଶାଗୁଆନ, ପିଆଶାଳ, କସି, କୁର୍ମ, ଅର୍ଜ୍ଜୁନ, ଗମ୍ଭାରୀ, ଗିରିଙ୍ଗା ଇତ୍ୟାଦି ଗଛରୁ ବିଭିନ୍ନ ପ୍ରକାର ଘର ଉପକରଣ ଯଥା– ଖଟ, ଚୌକି ଆଦି ତିଆରି ହୋଇଥାଏ । ସେହିପରି ଶାଳ, ଧଉରା, ବନ୍ଧନ, କଙ୍ଗ୍ରା ଗଛଗୁଡିକ ଶକ୍ତ ହୋଇଥିବାରୁ ଘର ତିଆରି ବେଳେ ବ୍ୟବହୃତ ହୋଇଥାନ୍ତି । କେନ୍ଦୁପତ୍ରରୁ ବିଡି ତିଆରି ହୋଇଥାଏ, ତେଣୁ ଏହାର ଚାହିଦା ଢେର ଅଧିକ । ବାଉଁଶଗଛ ଲୋକଙ୍କ ଦୈନନ୍ଦିନ ଜୀବନରେ ବହୁଳ ଭାବରେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ କାଗଜ ଶିଳ୍ପରେ କଞ୍ଚାମାଲ ରୂପେ ବ୍ୟବହୃତ ହୋଇଥାଏ । ସବାଇଘାସରୁ ଦଉଡି ତିଆରି ହୁଏ । ବଲାଙ୍ଗୀର ଗନ୍ଧମାର୍ଦ୍ଦନ ପର୍ବତରୁ ବିଭିନ୍ନ ରକମର ଔଷଧୀୟ ବୃକ୍ଷ ମିଳିଥାଏ ।

## ବନ୍ୟପ୍ରାଣୀ

ବାଘ ପରିଯୋଜନା, ଶିମିଳିପାଳ ଅଧୀନରେ ବାଘମାନଙ୍କର ରହିବା ଓ ସଂରକ୍ଷଣ ପାଇଁ ଏକ ଉନ୍ନତ ପ୍ରାକୃତିକ ବାସସ୍ଥାନ ୧୯୭୩ ଜାତୀୟ ଯୋଜନାରେ ଆରମ୍ଭ କରାଯାଇଥିଲା । ଆରମ୍ଭରେ ମାତ୍ର ୧୭ଟି ବାଘ ଶିମିଳିପାଳ ଅଭୟାରଣ୍ୟରେ ଥିଲେ । ପରେ ଏମାନଙ୍କ ସଂଖ୍ୟା ୨୦୦୫ ବନ୍ୟଜନ୍ତୁ ଆକଳନ ଅନୁଯାୟୀ ୧୦୧କୁ ବୃଦ୍ଧି ପାଇଥିଲା ।

ଏକ ବ୍ୟାଘ୍ର ପରିଯୋଜନା ୨୭୫୦ ବର୍ଗ କି.ମି. ଲମ୍ବ ଶିମିଳିପାଳ ଜଙ୍ଗଲର ମଧ୍ୟରେ ୮୫୦ ବର୍ଗ କି.ମି. ବ୍ୟାଘ୍ର ବନ୍ୟ ସଂରକ୍ଷଣ ଅଞ୍ଚଳରେ କରାଯାଇଛି । ଓଡ଼ିଶାର ବ୍ୟାଘ୍ର ଚିତାବାଘ ଶ୍ରେଣୀର । ଅନ୍ୟ ବାଘ ସମ୍ପ୍ରଦାୟ ଯଥା: କଲରାପତରିଆ (ଯାହା ୧୯୬୦ରେ ଶେଷଥର ପାଇଁ ଢେଙ୍କାନାଳ ଅଞ୍ଚଳରେ ଦେଖାଯାଇଥିଲା) ଓ ଚିତାବାଘ ଆଉ ପ୍ରାୟ ଦେଖାଯାଉନାହିଁ । ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଧଳାବାଘ ପାଇଁ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି ।

ଓଡ଼ିଶା ଜଙ୍ଗଲରେ ବିଭିନ୍ନ ପ୍ରକାର ମାଂସାଶୀ ଜନ୍ତୁ ଯଥା– ହେଟା, ଭାଲୁ, ଗାତଭାଲୁ, ଗଧିଆ, ବିଲୁଆ, ବଳିଆ କୁକୁର, ମାର୍ଜାର, କଟାସ, ଶାଳିଆ ପାତିନୀ ଦେଖାଯାନ୍ତି । ହେଟାବାଘମାନେ ବେଳେ ବେଳେ ଦେବଗଡ, ଅନୁଗୁଳ ଓ କୋରାପୁଟ ଜଙ୍ଗଲରେ ଦେଖାଯାନ୍ତି ।

ଇତିହାସକୁ ଦେଖିଲେ ବନ୍ୟଜନ୍ତୁ ମଧ୍ୟରେ ହାତୀ ଓଡ଼ିଶାର ଗର୍ବ । ଅତୀତରେ ଓଡ଼ିଶା ସେନାରେ ହାତୀ ବାହିନୀ ଥିଲା । ଓଡ଼ିଶାର ପ୍ରମୁଖ ରାଜବଂଶୀୟମାନେ ନିଜକୁ ଗଜପତି ନାମରେ ନାମିତ କରୁଥିଲେ । ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ପୁରୀ (ବାଲୁଗାଁ ପାଖରେ), ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲାମାନଙ୍କରେ ବନ୍ୟହାତୀ ଦେଖାଯାନ୍ତି । ଚନ୍ଦକା ହାତୀ ଅଭୟାରଣ୍ୟ ଏମାନଙ୍କ ପାଇଁ ଏକ ପ୍ରାକୃତିକ ବନ୍ୟସ୍ଥଳ । ନୟାଗଡ଼ ନିକଟସ୍ଥ ମହାନଦୀ ବାଇସିପାଲି ଅଭୟାରଣ୍ୟ ଏବଂ ୬ ନମ୍ବର ଜାତୀୟ ରାଜପଥରେ ଅବସ୍ଥିତ ଉଷାକୋଠି ଅଭୟାରଣ୍ୟ (ସମ୍ବଲପୁରଠାରୁ ୪୦ କି.ମି. ଦୂରରେ)ରେ ହାତୀ ରହନ୍ତି । ଉଷାକୋଠି ଅଭୟାରଣ୍ୟରେ ମଧ୍ୟ ଗୟଳ ଦେଖାଯାନ୍ତି ।

ଏତଦ୍‌ବ୍ୟତୀତ– ବାର୍‌ହା, ଚିତଳ, ହରିଣ, ସମ୍ବର, କୁଟୁରା, ହନୁମାଙ୍କଡ, ପାତିମାଙ୍କଡ, ଅନେକ ପ୍ରକାରର ବାଦୁଡି, ବଜ୍ରକାପ୍ତା, ଝିଙ୍କ, ବଡ–ସାନ, ଗୁଣ୍ଡୁଚି ଜଙ୍ଗଲରେ ଦେଖାଯାନ୍ତି । ବାଲିମେଳା ଓ ସୁନାବେଡା ସଂରକ୍ଷିତ ଅଞ୍ଚଳରେ ଅରଣା ମଇଁଷି ଦେଖାଯାନ୍ତି । ପୁରୀ, କଟକ, ଢେଙ୍କାନାଳ, ସମ୍ବଲପୁର ଓ ମୟୂରଭଞ୍ଜର ନିଛାଟିଆ ସ୍ଥାନମାନଙ୍କରେ ଚାରିଶିଙ୍ଗିଆ କୃଷ୍ଣସାର ମୃଗ ଦେଖାଯାନ୍ତି । ଗଞ୍ଜାମ ଜିଲ୍ଲାର ଆସ୍କା ନିକଟସ୍ଥ ବେତନଇ ନିକଟରେ କୃଷ୍ଣସାର ମୃଗ ଦେଖାଯାନ୍ତି । ଭୂଆସୁଣୀ ମାଛ ଓ ଶିଶୁମାର ଚିଲିକା ଓ ନଦ–ନଦୀମାନଙ୍କରେ ବେଳେବେଳେ ଦେଖାଯାନ୍ତି ।

## ପକ୍ଷୀ

ଓଡ଼ିଶାରେ ବିଭିନ୍ନ ରଙ୍ଗର ଆକର୍ଷଣୀୟ ପକ୍ଷୀ ଦେଖାଯାନ୍ତି । ସେମାନେ ହେଲେ ହଂସରାଳୀ, ପାଣିକୁଆ ଓ ପାଣିକୋଇଲି, ଗେଣ୍ଡାଳିଆ, ଫ୍ଲେମିଙ୍ଗୋ, ବାଜେଣି, ଚକୁଆ–ଚକୋଇ, ସରଳୀ, ଶାଗୁଣା, ଛଞ୍ଚାଣ, ବାଜ, ଶଙ୍ଖଚିଲ, ମାଟିଆଚିଲ, ମୟୂର, ତିତିରି, ପୁଣ୍ଡିକି ଚଢେଇ, ସାରସ, ଡାହୁକ, ପାଣି ଡାହୁକ, ତେନ୍ତେଇ, କାଦୁଅଖୁମ୍ପି, ମାଛଖିଆ, ଦେଉଳି ପାରା, ହରଡ ଚଢେଇ,

କାଣ୍ଟିଗିରି, କାପ୍ତା, ଶୁଆ, ମଦନ । କୋଇଲି, କୁମ୍ଭାଟୁଆ, ପେଚା, ଲକ୍ଷ୍ମୀପେଚା, ଭୂଇଁ ଛାପୁଲି, ଧନେଶ, ମାଛରଙ୍କା, ଟୁକୁରା ବସନ୍ତ, କାଠହଣା, କଜଳପାତି, ହଳଦୀବସନ୍ତ, ବଣି, ଶାରୀ, ବୁଲବୁଲ, ବାୟାଚଢେଇ, କାଉ, ଘରଚଟିଆ ଓ ଅନ୍ୟାନ୍ୟ । ଏ ପକ୍ଷୀମାନଙ୍କର କାକଳି ଗ୍ରାମାଞ୍ଚଳରେ ସକାଳ ଓ ସଞ୍ଜରେ ଗୁଞ୍ଜରିତ ହୁଏ ଏବଂ ପରିବେଶକୁ ମନୋଜ୍ଞ ଓ ଆକର୍ଷଣୀୟ କରାଏ ।

## ସରୀସୃପ

ସରୀସୃପ ମଧ୍ୟରୁ କୁମ୍ଭୀର ଆଜି ସଙ୍କଟରେ । କୁମ୍ଭୀର ଚମଡା ଉଚ୍ଚ ଦରରେ ବିକ୍ରି ହେଉଥିବାରୁ ତାଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ତିନି ପ୍ରକାର କୁମ୍ଭୀର: ଘଡିଆଳ, ବଉଳା ଓ ମଗର ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଦେଖାଯାନ୍ତି । ସେମାନଙ୍କର ରକ୍ଷଣାବେକ୍ଷଣ ଓ ବଂଶବୃଦ୍ଧି ପାଇଁ ଅଭୟାରଣ୍ୟ ସୃଷ୍ଟି କରାଯାଇଛି । ଘଡିଆଳ କୁମ୍ଭୀର କେବଳ ମହାନଦୀ ଓ ତା'ର ଶାଖା ନଦୀମାନଙ୍କରେ ଦେଖାଯାଆନ୍ତି । ଏମାନଙ୍କ ରକ୍ଷଣାବେକ୍ଷଣ ନିମନ୍ତେ ସାତକୋଶିଆଠାରେ ୭୯୫.୫ ବର୍ଗ କି.ମି. ଅଞ୍ଚଳରେ ଏକ ଅଭୟାରଣ୍ୟ କରାଯାଇଛି । ଅନ୍ୟ ଦୁଇ ପ୍ରକାରର କୁମ୍ଭୀରଙ୍କ ପାଇଁ ଭିତରକନିକାଠାରେ ୧୬୧.୭୬ ବର୍ଗ. କି.ମିର ଅଭୟାରଣ୍ୟ ରହିଅଛି । ଶିମିଳିପାଳ ଜଙ୍ଗଲର ରାମିର୍ଥଠାରେ ଏକ ଛୋଟ କୁମ୍ଭୀର ରକ୍ଷଣସ୍ଥଳୀ ଅଛି ।

ଓଡ଼ିଶାରେ ମୁଖ୍ୟତଃ ଦୁଇପ୍ରକାର କଇଁଛ ଦେଖିବାକୁ ମିଳନ୍ତି । ସବୁଜ କଇଁଛ ଯାହା ୧.୨ ମିଟର ଯାଏଁ ବଢିଥାଏ ଏବଂ ୧୩୫ରୁ ୧୮୦ କିଲୋଗ୍ରାମ ମଧ୍ୟରେ ଓଜନ ହୋଇଥାଏ, ଏଗୁଡିକ ମୁଖ୍ୟତଃ ଚିଲିକା ହ୍ରଦରେ ଦେଖିବାକୁ ମିଳନ୍ତି । ଓଡ଼ିଶାରେ ଦେଖାଯାଉଥିବା ଅନ୍ୟ କଇଁଛଟି ହେଉଛି ଅଲିଭ ରିଡ୍‌ଲେ ସମୁଦ୍ର କଇଁଛ । ପ୍ରଶାନ୍ତ ମହାସାଗର ଉପକୂଳରୁ ଏମାନେ ଲକ୍ଷାଧିକ ସଂଖ୍ୟାରେ ଅଣ୍ଡା ଦେବା ପାଇଁ ଭିତରକନିକାର ଗହୀର ମଥା ଓ ସାତଭାୟା ଅଞ୍ଚଳକୁ ଆସନ୍ତି । ଯେଉଁ ସ୍ଥାନରେ ଏ କଇଁଛମାନେ ଅଣ୍ଡା ଦିଅନ୍ତି ସେ ସ୍ଥାନକୁ 'ଅରିବାଡ୍' କହନ୍ତି ।

ଓଡ଼ିଶାରେ ଅନ୍ୟ ରାଜ୍ୟ ଭଳି ସାପ, ବେଙ୍ଗ ଓ ଅନ୍ୟାନ୍ୟ ଜାତିର ସରୀସୃପ ଦେଖାଯାନ୍ତି ।



❖ ❖ ❖